# ପ୍ରାର୍ଥନା

ଡ଼କ୍ଟର ବଳରାମ ଦାସ

କେତେ ପଥ....
ଯମୁନାରୁ ଯମନିକ
କଦମ୍ବରୁ କଳ୍ପବଟ
ପୃଥ୍ୱୀରୁ ଆକାଶ
କେତେ ତପୀ-ମୁନି-ଋଷି-ସାଧକଙ୍କ
ଅନ୍ୱେଷାର ହୋଇ ନାହିଁ ଶେଷ
ତୁମେ ପ୍ରଭୁ !
ଅଖିଳ ଏ' ବ୍ରହ୍ମାଣ୍ଡର
ଅନ୍ତହୀନ ଅନ୍ତିମ ରହସ୍ୟ ।

ଯୋଜନ-ଯୋଜନ ବ୍ୟାପି ଝରୁଥାଏ
କବିତାର ଝର
ରତ୍ନ-ସିଂହାସନେ ବସି, ମହାକବି !
ଅହର୍ନିଶ ସର୍ଜୁଥାଅ
ଜଗତ ଓ ଜୀବନର ଆଲୋକ-ଅନ୍ଧାର
ଝାଉଁବନେ ମର୍ମରିତ କୋମଳ ଗାନ୍ଧାର ।

ସାଗର ବେଳାରେ ବସି
କେବେ ମଧ୍ୟ ଶୁଣ ନାହିଁ
ସମୁଦ୍ରର ସ୍ୱର
ସ୍ମୃତିରେ-ସ୍ମୃତିରେ ଖାଲି ଭାସୁଥାଅ
ଗୋପ-ବୃନ୍ଦାବନ ଆଉ ମଥୁରା ନଗର
ନିଭୃତ ନିର୍ଜନେ ପ୍ରଭୁ ଖୋଜୁଥାଅ
ଫୁଲ ପରି ଢ଼ଳ ଢ଼ଳ
ଆପଣାର ହଜିଲା କୈଶୋର
ଆଶ୍ଚର୍ଯ୍ୟ ଆକାଶ ବୁକେ
ନୀଳ ଜ୍ୟୋସ୍ନା ସ୍ୱପ୍ନ ଜରଜର ।

ସେଇ ସ୍ୱପ୍ନ ଦିଅ ପ୍ରଭୁ
ଦିଅ ସେଇ ନିଃସଙ୍ଗ ନୀଳିମା
ଢ଼େଉରେ-ଢ଼େଉରେ ତାର ଭାସିଯିବ
ଜୀବନର ରାଶି ରାଶି କଳୁଷ କାଳିମା
ପ୍ରାଣ ମନ ଉଲୁସାଇ
ଚାରିଆଡୁ ଶୁଭୁଥିବ ତୁମ ବଂଶୀ ସ୍ୱର
ତା' ମଧୁର ମୂର୍ଚ୍ଛନାରେ କୋରକିତ ହେଉଥିବ
ହଜି ଯାଇଥିବା ମୋର ସବୁଜ କୈଶୋର ।❒ ❒ ❒

କନ୍‌ଭେଣ୍ଟ ଏରିଆ
ଭି.ଆଇ.ପି. ରୋଡ଼, ପୁରୀ

# ଜଗନ୍ନାଥ ହେ।

ଶ୍ରୀ ଶରତ କୁମାର କର

ଜଗନ୍ନାଥ ହୋ କିଛି ମାଗୁନାହିଁ ତତେ
ନ ମାଗି ନ ମାଗି ସବୁ ମାଗୁଅଛି
ଦେଇ କି ପାରିବୁ ସତେ ?
ସବୁ ଦେଖୁଅଛୁ ସବୁ ଶୁଣୁଅଛୁ
କହୁନାହୁଁ କଥା ମତେ
ଆଖିରେ ଆଖିରେ କେତେ କଥା ହେବି
ମନେ ରହୁନାହୁଁ ଏତେ
ଚଢ଼ାଇ ଦେଇଛୁ ମନୋରଥେ ମତେ
ଭେଳିକି ଲଗାଇ ଯେତେ
ଭଳି ଭଳି ଦୃଶ୍ୟ ଭଳି ଭଳି ଭାବ
ଭଣ୍ଡାଇଛୁ କେତେ ମତେ
ସଂସାର ଭଣ୍ଡାର ଘର ଚାବିକାଠି
ଦେଇଅଛୁ ମାୟା ସାଥେ
ଖାନା, ପିନା, ଗାନା ମିତ ମିତଣୀରେ
ବାଜା ରୋଷଣୀରେ ମାତେ
ପିଲା ପ୍ରୀତି ପ୍ରେମ ପୋଷଣେ ତୋଷଣେ
ପରିବାର ପରିଯନ୍ତେ
ପାରାବାର ମୋର ପ୍ରସରୁଛି ସିନା
କି'ଦଶା ହୋଇବ ଅନ୍ତେ ?
ଜାଣି ପାରୁନାହିଁ ଜଣାନାହିଁ କିଛି
ଜଞ୍ଜାଳ ଜାଲର ସୂତ୍ରେ
ଛନ୍ଦି ହୋଇ ଛଦ୍ମ ଯଶ ଆନନ୍ଦରେ
ଅନ୍ଧଦଶା ପ୍ରାୟ ନେତ୍ରେ
ଅଥଳ ଜଳରେ ଭାସୁଅଛି ମୁହିଁ
ବେଳେ ବେଳେ ହୁଏ ପ୍ରତେ
ପୁଣି ଚେତା ହରେ ମାୟା ଫାଶ ଡ଼ୋରେ
ମରୀଚିକା ମୋହ ସାଥେ
କାହିଁ ଖେଳାଉଛ ସଂସାର ଲୀଳାରେ
ଛଟ ପଟ କରି ମତେ
(ତୁମ) ଅସଲ ରାହାସ ଲୀଳାରେ ବୁଡ଼ାଅ
ଭସାଇ ନ ଦେଇ ସ୍ରୋତ୍ରେ
ଶରତ ଶରଣ କର ଉଦ୍ଧାରଣ
ଶଙ୍ଖ ଚକ୍ର ପଦ୍ମ ହସ୍ତେ ❒ ❒ ❒

ବାଚସ୍ପତି
ଓଡ଼ିଶା ବିଧାନସଭା